ଜମ୍ମୁ କାଶ୍ମୀର ରାଜ୍ୟ ଆଇନ ସହାୟତା କମିଟି

ବନାମ

ଜମ୍ମୁ କାଶ୍ମୀର ରାଜ୍ୟ ଏବଂ ଅନ୍ୟମାନେ

ନଭେମ୍ବର 5, 2004

[ ଅରିଜିତ ପଶାୟତ ଏବଂ ଏସ୍. ଏଚ୍. କାପାଡିଆ, ନ୍ୟାୟାଧୀଶବୃନ୍ଦ ]

ପ୍ରତିରୋଧାତ୍ମକ ଅଟକ:

ଜାମ୍ମୁ କାଶ୍ମୀର ସର୍ବସାଧାରଣ ସୁରକ୍ଷା ଅଧିନିୟମ 1978:

*ଧାରା 13- ଅଟକବନ୍ଦୀ ଆଦେଶ- ଆଧାରକୁ ପ୍ରକାଶ କରିବା/ଅଟକ ରଖାଯାଇଥିବା ବ୍ୟକ୍ତିଙ୍କୁ ଜଣାଇବା- ଆବେଦନ ଯେ ଅଟକବନ୍ଦୀ ଆଦେଶର କାରଣଗୁଡ଼ିକ ପ୍ରଦାନ କରାଯାଇଥିଲା, ପାଠ କରାଯାଇଥିଲା ଏବଂ ଅଟକ ରଖାଯାଇଥିବା ବ୍ୟକ୍ତିଙ୍କୁ ବୁଝାଯାଇଥିଲା ଏବଂ ତାଙ୍କୁ ପ୍ରତିନିଧିତ୍ୱ କରିବାର ଅଧିକାର ବିଷୟରେ ଅବଗତ କରାଯାଇଥିଲା, କିନ୍ତୁ ସେ ଆଦେଶର ନକଲ ଗ୍ରହଣ କରିବାକୁ ମନା କରିଦେଇଥିଲେ ଏବଂ ଦସ୍ତାବିଜ ଗୁଡିକରେ ଦସ୍ତଖତ କରିବାକୁ ମଧ୍ୟ ମନା କରିଦେଇଥିଲେ-ନିର୍ଣ୍ଣିତ ଯେ ଦସ୍ତାବିଜ ଗୁଡିକ ମାଗିଥିବା ବ୍ୟକ୍ତିଙ୍କର କୌଣସି ସତ୍ୟପାଠ ନଥିଲା କିମ୍ବା ପ୍ରତ୍ୟାଖ୍ୟାନର କୌଣସି ବ୍ୟାଖ୍ୟା ନଥିଲା- ଏପରିକି ଅଧିକାରୀଙ୍କ ନାମ ସତ୍ୟପାଠ ରେ ସୂଚିତ କରାଯାଇ ନାହିଁ- ଅଟକବନ୍ଦୀ ଆଦେଶକୁ ରଦ୍ଦ କରାଯାଇଛି ।*

ଅପରାଧିକ ମୂଳ ନ୍ୟାୟିକ କ୍ଷେତ୍ରାଧିକାରିତ : ଆଜ୍ଞାଦେଶ (ଫୌଜଦାରୀ) ଆବେଦନ ସଂଖ୍ୟା 8/2004 ।

ଆବେଦନକାରୀଙ୍କ ପାଇଁ ଭୀମ ସିଂହ, ବି. ଏସ. ବିଲୋରିଆ, ଏଲ. କେ. ଗୁପ୍ତା, ଏସ. କେ. ବାନ୍ଧ୍ୟୋପାଧ୍ୟାୟ ଏବଂ ପି. ଭି. ଯୋଗେଶ୍ୱରନ ।

ଉତ୍ତରଦାତାମାନଙ୍କ ପାଇଁ ରବି ପି. ମେହରୋତ୍ରା, ଶ୍ରୀମତୀ ଦୀପ୍ତି ଆର. ମେହରୋତ୍ରା, ଗର୍ବେଶ କାବରା, ଶ୍ରୀମତୀ ନୀଲମ ସିଂହ ଏବଂ ଅନୀସ ସୁହରୱାର୍ଦ୍ଦୀ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା

ନ୍ୟାୟାଧୀଶ ଅରିଜିତ ପଶାୟତଙ୍କ ଦ୍ୱାରା - ଯଦିଓ ଏହି ଆବେଦନରେ ଅନେକ ପ୍ରଶ୍ନ ଉଠାଯାଇଛି, ତଥାପି ସେଗୁଡ଼ିକର ବିସ୍ତୃତ ଆଲୋଚନା କରିବାର ଆବଶ୍ୟକତା ନାହିଁ, କାରଣ ଆମେ ଦେଖୁଛୁ ଯେ ଜାମ୍ମୁ-କାଶ୍ମୀର ସର୍ବସାଧାରଣ ସୁରକ୍ଷା ଅଧିନିୟମ (ସଂକ୍ଷେପରେ 'ଅଧିନିୟମ') 1978ର ଧାରା 13 ର ଆବଶ୍ୟକତା ଆଧାରରେ ଆଦେଶ ଦ୍ୱାରା ପ୍ରଭାବିତ ବ୍ୟକ୍ତିଙ୍କୁ ଅଟକବନ୍ଦୀ ଆଦେଶର କାରଣ ପ୍ରକାଶ/ଜନ୍ୟବାର ଅନୁପାଳନ କରାଯାଇଛି । ଯଦିଓ, ରାଜ୍ୟ ଦ୍ୱାରା ଦାଖଲ ହୋଇଥିବା ସତ୍ୟପାଠରେ କୁହାଯାଇଛି ଯେ ଲିଖିତାଦେଶର ବିଷୟବସ୍ତୁ ଏବଂ ଅଟକବନ୍ଦୀ ରଖିବାର କାରଣ ପ୍ରଦାନ କରାଯାଇଥିଲା, ପାଠ କରାଯାଇଥିଲା ଏବଂ ଆକଳନକାରୀଙ୍କୁ ବ୍ୟାଖ୍ୟା କରାଯାଇଥିଲା ଏବଂ ତାଙ୍କୁ ଅଟକବନ୍ଦୀ ବିରୋଧରେ ପ୍ରତିନିଧିତ୍ୱ କରିବାର ଅଧିକାର ବିଷୟରେ ଅବଗତ କରାଯାଇଥିଲା, ଯଦି ସେ ଚାହାଁନ୍ତି, ଏହି ଆଭିମୁଖ୍ୟକୁ ଯଥାର୍ଥତା ପ୍ରତିପାଦନ କରିବା ପାଇଁ ନଥିରେ କୌଣସି ତଥ୍ୟ ନାହିଁ । ସତ୍ୟପାଠ ରେ କୁହାଯାଇଛି ଯେ ଅଟକ ରଖାଯାଇଥିବା ବ୍ୟକ୍ତି ଅଟକବନ୍ଦୀ ଆଦେଶର ନକଲ ଗ୍ରହଣ ଆଦେଶକୁ ମନା କରିଦେଇଥିଲେ ଏବଂ ଦସ୍ତାବିଜରେ ଦସ୍ତଖତ ପ୍ରଦାନ କରିବାକୁ ମଧ ମନା କରିଦେଇଥିଲେ । ରାଜ୍ୟ ଯାହା କରିପାରିଥାଆନ୍ତା ତାହା ହେଉଛି ସେହି ବ୍ୟକ୍ତିଙ୍କର ଏକ ଶତ୍ୟପାଠ ଦାଖଲ କରିବା, ଯିଏ ପ୍ରାସଙ୍ଗିକ ଦସ୍ତାବିଜ ଗୁଡିକ ପ୍ରଦାନ କରିବାକୁ ଚାହୁଁଥିଲେ ଏବଂ ପ୍ରତ୍ୟାଖ୍ୟାନ ହେବାର ପରିଣାମକୁ ବ୍ୟାଖ୍ୟା କରିଥିଲେ । ଏପରିକି ସତ୍ୟପାଠ ଅଧିକାରୀଙ୍କ ନାମ ମଧ ଉଲ୍ଲେଖ କରାଯାଇ ନାହିଁ । ଅଧିନିୟମର ଧାରା 13ର ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହା ଯଥେଷ୍ଟ ହୋଇଥାନ୍ତା ।

ଯଦିଓ ବିବରଣୀ ଦାଖଲ ପାଇଁ ସମୟ ବୃଦ୍ଧି ପାଇଁ ଏକ ପ୍ରାର୍ଥନା କରାଯାଇଛି, ଆମେ ଜାଣିବାକୁ ପାଇଲୁ ଯେ ଅଟକବନ୍ଦୀ ଆଦେଶର ବୈଧତା 06.11.2004 ତାରିଖରେ ସମାପ୍ତ ହେଉଛି। ତେଣୁ, ଆମେ ସମୟ ବୃଦ୍ଧି ପାଇଁ ପ୍ରାର୍ଥନାକୁ ଗ୍ରହଣ କରୁନାହୁଁ । ରାଜ୍ୟ ପାଇଁ ବିଦ୍ୱାନ ଓକିଲ ଦାଖଲ କରିଥିଲେ ଯେ ଅଟକବନ୍ଦୀ ରଖିବା ପାଇଁ ଏକ ନୂତନ ଆଦେଶ ପାରିତ ହେବା ଉପରେ କୌଣସି ପ୍ରତିବନ୍ଧକ ନାହିଁ । ଏହି ପ୍ରସଙ୍ଗରେ ଆମେ କୌଣସି ମତ ପ୍ରକାଶ କରୁନାହୁଁ । ବର୍ତ୍ତମାନର ପ୍ରକ୍ରିୟାରେ, ଅଟକବନ୍ଦୀ ରଖାଯାଇଥିବା ବ୍ୟକ୍ତିଙ୍କୁ ଅଟକ ରଖିବା ଆଦେଶକୁ ରଦ୍ଦ କରିଦିଆଯାଇଛି । ତେବେ ଏହା ରାଜ୍ୟ ଏବଂ/କିମ୍ବା କୌଣସି କର୍ତ୍ତୃପକ୍ଷଙ୍କ ଦ୍ୱାରା ଆଇନ ଅନୁଯାୟୀ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ମାର୍ଗରେ ବାଧା ହେବ ନାହିଁ ।

ସେହି ଅନୁଯାୟୀ, ଆଜ୍ଞାଦେଶ ଆବେଦନର ଫଏସଲା କରାଯାଇଛି ।

R. ଆଜ୍ଞାଦେଶ ଆବେଦନ ସମାଧାନ ହେଲା

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।